# ଏଣିକି ନିର୍ମାଣରେ କଟକଣା

ପ୍ରଗତିବାଦୀ - ୨୧.୪.୨୦୧୧




**ଭୁବନେଶ୍ୱର,ତା୨୦।୪(ପିଏନ୍ଏସ୍):** ରାଜଧାନୀ ଭୁବନେଶ୍ୱରରେ ଲୋକସଂଖ୍ୟା ବୃଦ୍ଧି ପାଉଥିବାବେଳେ ବୃଦ୍ଧି ପାଉଛି ଅଟ୍ଟାଳିକା, ପାର୍କ ଓ ବିଭିନ୍ନ ମନୋରଂଜନର ସ୍ଥାନ ।ସେହି ଅନୁସାରେ ମଧ୍ୟ ବୃଦ୍ଧି ପାଉଛି ହୋଟେଲ । ଏହିସବୁ ସ୍ଥାନକୁ ସବୁ ବର୍ଗର ଲୋକ ଯିବା ପରି ନିର୍ମାଣଶୈଳୀ ରହିବା ଉପରେ ପୂର୍ବରୁ ଗାଇଡ୍ ଲାଇନ୍ ରହିଥିଲେ ମଧ୍ୟ ଏହାକୁ ଅନେକ ପାଳନ କରୁନଥିବା ଦେଖିବାକୁ ମିଳୁଛି । ବସଷ୍ଟାଣ୍ଡ, ରେଳଷ୍ଟେସନ ଓ ବିମାନ ବନ୍ଦର ଓ ସର୍ବସାଧାରଣ ଯାତାୟତ ସ୍ଥାନରେ ଭିନ୍ନକ୍ଷମ ଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତି , ଗର୍ଭବତୀ ମହିଳା, ପ୍ରଭୃତି ଖୋଲାରେ ଚାଲିବାଠାରୁ ଆରମ୍ଭ କରି ଉକ୍ତ ସ୍ଥାନକୁ ଯାତାୟତ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା କଥା । କିନ୍ତୁ ଏହା କରାଯାଉନଥିବାରୁ ଏବେ ଏଥିପାଇଁ କଟକଣା ଲାଗୁ କରାଯିବାକୁ ନିଷ୍ପତ୍ତି ହୋଇଥିବା ଜଣାଯାଇଛି । ଏ ସଂପର୍କରେ ଏକ ଦୁଇଦିନିଆ କର୍ମଶାଳା ଏଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ଇଂଜିନିୟରଙ୍କ ଠାରୁ ଆରମ୍ଭ କରି ସ୍ଥପତି ଓ ଯୋଜନାପ୍ରସ୍ତୁତ କରୁଥିବା କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ଏଥି ସହିତ ବିଏମସି , ସିଏମସି, ବିଡିଏର ପଦାଧିକାରୀଙ୍କ ସମେତ କେତେକ ସ୍ୱେଚ୍ଛାସେବୀ ସଂଗଠନ ମଧ୍ୟ ଏହି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ । ଉକ୍ତ କର୍ମଶାଳାକୁ ବିଏମସି କମିଶନର ବିଶାଳ ଦେବ ଉଦ୍‌ଘାଟନ କରିଥିବାବେଳେ ବସ୍ତି ଉନ୍ନୟନ ଅଧିକାରୀ ଦିଲ୍ଲୀପ ରାଉତରାୟ ଏବଂ ଅନ୍ୟ ନୋଡାଲଙ୍କ ଅଧିକାରୀଙ୍କ ସମେତ ଆଇନାର ସଂପାଦିକା ସ୍ନେହ ମିଶ୍ର , ନୂଆଦିଲ୍ଲୀ ସ୍ଥିତ ସାମର୍ଥ୍ୟମ୍‌ର ଅଞ୍ଜଳି ଅଗ୍ରୱାଲ ଓ ଡି. ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ରହି ଏ ସଂପର୍କରେ ଆଲୋଚନା କରିଥିଲେ । ନିୟମ ଅନୁଯାୟୀ ଗୃହ ନିର୍ମାଣଠାରୁ ଆରମ୍ଭ କରି ଆପାର୍ଟମେଣ୍ଟ ନିର୍ମାଣ ଓ ସରକାରୀ ବେସରକାରୀ ଅନୁଷ୍ଠାନ ଗୁଡିକର ନିର୍ମାଣ ସମୟରେ କେତେଗୁଡିଏ ନୀତିନିୟମ ପାଳନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏଥିସହିତ ପ୍ରାକୃତିକ ବିପର୍ଯ୍ୟୟ ଓ ଭୂକମ୍ପଜନିତ କ୍ଷୟକ୍ଷତିରୁ କିପରି ରକ୍ଷା ମିଳି ପାରିବ ସେ ଉପରେ ଦୃଷ୍ଟି ଦେଇ ଗୃହ ନିର୍ମାଣ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା ।